ପ୍ରେସ୍‌ନୋଟ୍

# ଅନୁଗୋଳରେ ଅନୁଷ୍ଠିତ ହେଲା ରାହଗିରି ଉତ୍ସବ ।

ଅନୁଗୋଳ,ତା. ୦୭.୦୫:- ମା କୁ ସମ୍ମାନ ଜଣାଇ ମାତୃତ୍ୱ ଦିବସ ପାଳନ ଅବସରରେ ଆଜି ସକାଳେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ରାସ୍ତାରେ ରାହଗିରି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମା ର କୌଣସି ବିକଳ୍ପ ନାହିଁ । ମା ହେଉଛି ସବୁଠାରୁ ଶ୍ରେଷ୍ଠ । ଏହି ପବିତ୍ର ଦିବସରେ ମାକୁ ମନେ ପକାଇ ୨ୟ ଥର ପାଇଁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆୟୋଜନ କରିଛନ୍ତି ରାହଗିରି । ଅନୁଗୋଳ ଆଡଭାଣ୍ଟେଜ ଜିଲ୍ଲାପାଳଙ୍କର ଏକ ମାନସ ~~ଯୋଜନା~~ ପ୍ରତିଷ୍ଠାନ ରହିଥିବାବେଳେ ମହିଳା ସଶକ୍ତିକରଣ ଓ ମହିଳାମାନଂକୁ ବିଭିନ୍ନ କ୍ଷେତ୍ରରେ ପ୍ରାଧାନ୍ୟ ଦେବାକୁ ନେଇ ଆଜି ଏହି ରାହଗିରି ଅନୁଷ୍ଠିତ ହୋଇଛି । ଚଳିତ ମାସ ୨୮ ତାରିଖରେ ପାଳନ ହେବାକୁ ଥିବା ବିଶ୍ୱ ସ୍ତ୍ରୀ ଋତୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଦିବସ ଅବସରରେ ମହିଳାମାନଂକ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ଭେଣ୍ଡିଂ ଜୋନ୍ ତଥା ଆବର୍ଜନା ନିଷ୍କାସନ ମେସିନ୍ ପ୍ରତିଷ୍ଠା କରିବା ସମ୍ପର୍କରେ ବାର୍ତ୍ତା ଏହି ରାହଗିରି ମାଧ୍ୟମରେ ସମସ୍ତ ପଞ୍ଚାୟତରେ ପହଂଚିବାର ପ୍ରୟାସ କରାଯାଉଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ରାହଗିରିର ସଫଳ ଆୟୋନକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ । ଏହି ରାହଗିରି କାର୍ଯ୍ୟକ୍ରମରେ ଦର୍ଶକମାନେ ସକାଳୁ ସକାଳୁ ମନୋରଂଜନ ଭିତ୍ତିକ ବିଭିନ୍ନ ନୃତ୍ୟ ଓ ସଂଗୀତକୁ ମନଭରି ଉପଭୋଗ କରିଥିଲେ । ଏହି ରାହଗିରି ମାଧ୍ୟମରେ ଜିଲ୍ଲାରେ ଥିବା ଲୁକାୟିତ ପ୍ରତିଭା ଓ ସୃଜନଶୀଳ କଳା ଲୋକଲୋଚନକୁ ଆସି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଯୋଗ ପ୍ରାଣାୟମ ସମେତ ଓଡିଶୀ,ସମ୍ବଲପୁରୀ ଓ ଆଧୁନିକ ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍‌ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ,ସ୍ୱେଚ୍ଛାସେବୀ,ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା,ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୨୯୬ ତା. ୦୮.୦୫. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ



ରାହଗିରି
A three-way comparative analysis on waste created in case of a girl using Disposable Pads or Reusable Pads or Menstrual Cups throughout her life




raahgiriday
apni raahen | apni azaadi
ରାହଗିରି
ଅନୁଗୋଳ
ANGUL